# କରୋନା ଯୋଦ୍ଧାମାନଙ୍କ ସମ୍ମାନାର୍ଥେ ଜିଲ୍ଲା ପ୍ରଶାସନ ତରଫରୁ

# 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ପରିବେଶଣ ।

ଅନୁଗୋଲ,୩୦.୫ :-ସାରା ବିଶ୍ୱରେ କରୋନା ସଂକ୍ରମଣ ବ୍ୟାପୁଥିବା ବେଳେ ଏହାର ପ୍ରତିରୋଧ ନିମନ୍ତେ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଚାଲିଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆଜି ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କରୋନା ଭୁତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା ନିମନ୍ତେ ନିୟୋଜିତ କର୍ମଚାରୀମାନଂକର ଉତ୍ସର୍ଗୀକୃତ ସେବା, ପ୍ରତିବଦ୍ଧତା ଓ ତ୍ୟାଗ ପାଇଁ ସେମାନେ ପ୍ରଶଂସନୀୟ ବୋଲି ପ୍ରକାଶ କରିଥିଲେ । ଏହିଭଳି ଘଡି ସନ୍ଧି ମୂହୁର୍ତ୍ତରେ ସରକାରଂକ ନିଷ୍ପତ୍ତିକ୍ରମେ ଆମ୍ଭେମାନେ ସେମାନଂକୁ ସମ୍ମାନ ଜଣାଇ ତାଂକର ମନୋବଳ ବୃଦ୍ଧି କରିବା ସହ ଉତ୍ସାହିତ କରିବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବାଜି ରାଉତ ଛାତ୍ରାବାସର ସମ୍ପାଦିକା ସମାଜସେବୀ କ୍ରିଷ୍ଣା ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଘରକୁ ଫେରୁଥିବା ପ୍ରବାସି ଓଡିଆମାନଂକୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥିଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟ,ଉପଜିଲ୍ଲାପାଳଂକ କାର୍ଯ୍ୟାଳୟ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମସ୍ତ କର୍ମଚାରୀମାନେ ଯୋଗ ଦେଇ ଅପରାହ୍ନ ୫.୩୦ ମିନିଟ୍ ସମୟରେ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ସାମୁହିକ ଭାବେ ଗାନ କରିଥିଲେ । ଏହି ସଂଗୀତ ଗାନ କରିବା ସମୟରେ ସମସ୍ତେ ସାମାଜିକ ଦୂରତା ଅବଲମ୍ବନ କରିଥିଲେ ଓ ମାସ୍କ ବ୍ୟବହାର କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ସଂଯୋଜନା କରିଥିଲେ । ସେହିପରି ବିଭିନ୍ନ ପଞ୍ଚାୟତ,ବ୍ଲକ୍ ଓ ଉପଖଣ୍ଡ ସଦର ମହକୁମାରେ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସର ସହ ପାଳନ ହୋଇଛି । ଉତ୍କଳର ବରପୁତ୍ରମାନଂକର ସେହି ବିରତ୍ୱ ଓ ତ୍ୟାଗପୂତ ବଳିଦାନକୁ ମନେ ପକାଇ ଆଜି ମୁଖ୍ୟମନ୍ତ୍ରୀଂକର ଆହ୍ୱାନ କ୍ରମେ ସମସ୍ତ ଓଡିଆମାନେ ଏହି 'ବନ୍ଦେ ଉତ୍କଳ ଜନନୀ' ସଂଗୀତ କାର୍ଯ୍ୟକ୍ରମକୁ ପାଳନ କରିଛନ୍ତି ।


ବନ୍ଦେ ଉତ୍କଳ ଜନନୀ
କରୋନା ଯୋଦ୍ଧାଙ୍କ ସମ୍ମାନାର୍ଥେ
ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ
ତା. ୩୦.୦୫.୨୦୨୦, ସନ୍ଧ୍ୟା- ୬.୩୦ ଘଟିକା
ଜିଲ୍ଲା ପ୍ରଶାସନ, ଅନୁଗୋଳ


ଜନନୀ
କରୋନା ଯୋଦ୍ଧାଙ୍କ ସମ୍ମାନାର୍ଥେ
ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ
ତା. ୩୦.୦୫.୨୦୨୦, ସନ୍ଧ୍ୟା- ୬.୩୦ ଘଟିକା


ବନ୍ଦେ ଉତ୍କଳ ଜନନୀ
କରୋନା ଯୋଦ୍ଧାଙ୍କ ସମ୍ମାନାର୍ଥେ
ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ
ତା. ୩୦.୦୪.୨୦୨୦, ସନ୍ଧ୍ୟା- ୫.୩୦ ଘଟିକା
ଜିଲ୍ଲା ପ୍ରଶାସନ, ଅନୁଗୋଳ